ପ୍ରମେୟ
THE PRAMEYA



## ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ

# ଛାତ୍ରଛାତ୍ରୀଙ୍କ ପଦାର୍ପଣ ଉତ୍ସବ

ସମ୍ବଲପୁର, ୨୦।୧୨ (ବ୍ୟୁରୋ): ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରଥମ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଆଜି ପ୍ରଥମ ପଦାର୍ପଣ ଉତ୍ସବ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ବର୍ଷରେ ୨୨୫ ଜଣ ଛାତ୍ରଛାତ୍ରୀ ୬ଟି ପାଠ୍ୟକ୍ରମରେ ନାମ ଲେଖାଇଛନ୍ତି। ସେମାନଙ୍କ ମଧ୍ୟରୁ ଆଜି ୮୫ ଜଣ ଛାତ୍ରଛାତ୍ରୀ ଇନଡକ୍ସନ୍ କ୍ଲାସରେ ଭାଗ ନେଇଥିଲେ। ବିଶ୍ୱବିଦ୍ୟାଳୟର ଓଏସଡି ଡ. ସୀତାକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଏମ୍ ବିଶ୍ୱବିଦ୍ୟାଳୟର ଓଏସଡି ପ୍ରଫେସର ସୁଧାଂଶୁ ଶେଖର ରଥ ଏବଂ ସମ୍ମାନୀତ ଅତିଥି ଭାବେ ଜିଏମ୍ ବିଶ୍ୱବିଦ୍ୟାଳୟର ଛାତ୍ର ମଙ୍ଗଳ ଡିନ୍ ଡ. କାମଦେବ ସାହୁ ଯୋଗଦେଇଥିଲେ। ଡ. ମହାପାତ୍ର ଛାତ୍ରଛାତ୍ରୀଙ୍କୁ ପାଠ୍ୟକ୍ରମର ଶିକ୍ଷାଦାନ ସଂପର୍କରେ ସବିଶେଷ ସୂଚନା ଦେଇଥିଲେ। ଏହାଛଡା କେଉଁ କେଉଁ ଷ୍ଟଡି ସେଣ୍ଟରରେ ଏହାର ପାଠ ପଢା ହେବ ସେନେଇ ସୂଚନା ଦେଇଥିଲେ। ଏହାର ଷ୍ଟଡି ସେଣ୍ଟର ଜିଏମ୍ ବିଶ୍ୱବିଦ୍ୟାଳୟ ବ୍ୟତୀତ ବରଗଡ, ଭବାନୀପାଟଣା, ରାଉରକେଲା ଏବଂ ସୋନପୁରରେ ଖୋଲାଯାଇଛି। ରବିବାର ଏବଂ ବିଭିନ୍ନ ଛୁଟି ଦିନରେ ଏହାର ପାଠପଢ଼ା ହେବ। ଆଜି ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ପୁସ୍ତକ, ସିଲାବସ୍ ଏବଂ ପାଠ୍ୟକ୍ରମର ସିଡି ଆଦି ପ୍ରଦାନ କରାଯାଇଥିଲା। ଆସନ୍ତା ଜାନୁଆରୀ ୧୫ ତାରିଖ ପରେ ପାଠପଢା ଆରମ୍ଭ ହେବ। ସେହିପରି ଏହି ବିଶ୍ୱବିଦ୍ୟାଳୟର ବିଭିନ୍ନ ଶାଖା ସମ୍ବଲପୁର, ଭୁବନେଶ୍ୱର, ବାଲେଶ୍ୱର, ଜୟପୁର ଏବଂ ବ୍ରହ୍ମପୁରରେ ଖୋଲିବ ବୋଲି ସୂଚନା ଦିଆଯାଇଥିଲା। ଚଳିତବର୍ଷ ୫ଟି ଡିପ୍ଲୋମା ପାଠ୍ୟକ୍ରମ ଯଥା- ସାଇବର ସିକ୍ୟୁରିଟି, ରୁରାଲ୍ ଡେଭଲପମେଣ୍ଟ, ସାମ୍ବାଦିକତା, କଂପ୍ୟୁଟର୍ ଆପ୍ଲିକେସନ୍ ଏବଂ ଡିପ୍ଲୋମା ଇନ୍ ମ୍ୟାନେଜମେଣ୍ଟ ଆରମ୍ଭ ହୋଇଛି। ଏହାବାଦ୍ କମ୍ୟୁନିକେସନ୍ ସ୍କିଲ୍ ଇନ୍ ଇଂଲିସ୍ ନାଁରେ ଏକ ସ୍ୱତନ୍ତ୍ର ପାଠ୍ୟକ୍ରମ ମଧ୍ୟ ଆରମ୍ଭ ହୋଇଛି।



## ପ୍ରଥମ ବ୍ୟାଚ୍‌ରେ ୬୫ ବର୍ଷର ଛାତ୍ର

ସମ୍ବଲପୁର, ୨୦।୧୨ (ବ୍ୟୁରୋ): ଆଜି ଆରମ୍ଭ ହୋଇଥିବା ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟରେ ୨୨୫ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ହେଲେ ସେମାନଙ୍କ ମଧ୍ୟରେ କିଛି ଛାତ୍ର ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ସାଜିଛନ୍ତି। ଶିକ୍ଷାର କୌଣସି ବୟସ ନାହିଁ ଏକଥାକୁ ପ୍ରମାଣିତ କରିଛନ୍ତି ଏହି ପ୍ରୌଢ଼ ଶିକ୍ଷାର୍ଥୀ। କଟକ ବଡ଼ ମେଡିକାଲର ନ୍ୟୁରୋଲୋଜି ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ବାଳକୃଷ୍ଣ କୁଅଁର ବର୍ତ୍ତମାନ ୬୫ ବର୍ଷରେ ଉପନୀତ ହୋଇସାରିଛନ୍ତି। ତଥାପି ସେ ଏହି ବିଶ୍ୱବିଦ୍ୟାଳୟରେ ଡିପ୍ଲୋମା ଇନ୍ କଂପ୍ୟୁଟର୍ ଆପ୍ଲିକେସନ୍ (ଡିସିଏ) ପାଠ୍ୟକ୍ରମରେ ଛାତ୍ର ଭାବେ ନାମ ଲେଖାଇଛନ୍ତି। ସେହିପରି କୋରାପୁଟର ୬୩ ବର୍ଷ ବୟସ୍କ ବିଜୟ ଚନ୍ଦ୍ର ପଟ୍ଟନାୟକ, ମୟୂରଭଞ୍ଜର ୬୧ ବର୍ଷ ବୟସ୍କ ରବୀନ୍ଦ୍ର କୁମାର ପଟ୍ଟନାୟକ, କେଉଁଝରର ୫୩ ବର୍ଷ ବୟସ୍କ ରମାକାନ୍ତ ପ୍ରଧାନ ଏବଂ ସୁନ୍ଦରଗଡର ୫୩ ବର୍ଷ ବୟସ୍କ ସୁବ୍ରତ କୁମାର ବଳ ଡିଜେଏମସି ପାଠ୍ୟକ୍ରମରେ ନାମ ଲେଖାଇଛନ୍ତି। ଏହାଛଡ଼ା ଖୋର୍ଦ୍ଧାର ୫୩ ବର୍ଷ ବୟସ୍କ ଋଷି କୁମାର ରଥ ସିସିଏସ୍ ପାଠ୍ୟକ୍ରମରେ ନାମ ଲେଖାଇଛନ୍ତି। ଏମାନେ ନିଜ ଠାରୁ ପ୍ରାୟ ୩୦ରୁ ୪୮ ବର୍ଷ କମ୍ ବୟସର ଛାତ୍ର ଛାତ୍ରୀଙ୍କ ସହ ଗୋଟିଏ କୋଠରୀରେ ପାଠ ପଢ଼ିବେ।






